# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**5 August - 2024**

**News Editor : Tapan Kumar Maharana**

************************************

## ମୁଖ୍ୟ ସମ୍ବାଦ

- ରାଉରକେଲା ବିମାନ ବନ୍ଦରର ବିକାଶ ନିମନ୍ତେ ୫୭ କୋଟି ୬୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ବୋଲି ରାଜ୍ୟସଭାରେ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା
- ଗ୍ରାମାଞ୍ଚଳରେ ତୃଣମୂଳ ସ୍ତରରେ ଋଣ ପରିମାଣ ବୃଦ୍ଧି ପାଇଥିବା ସୂଚନା
- ପୁଲିସ ମହାନିର୍ଦ୍ଦେଶକ ପଦବୀ ନିମନ୍ତେ ପ୍ରକ୍ରିୟା ଆରମ୍ଭ କଲେ ରାଜ୍ୟ ସରକାର
- ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ

ଏବଂ

- ତୃତୀୟ ସୋମବାର ଲାଗି ଜଳଲାଗି ନିମନ୍ତେ ରାଜ୍ୟର ବିଭିନ୍ନ ଶିବାଳୟରେ ଭକ୍ତଙ୍କ ସମାଗମ

*Desk*

## ରାଜ୍ୟସଭା– ଉଡ଼ାନ ଯୋଜନା

କେନ୍ଦ୍ର ସରକାରଙ୍କ ଉଡ଼ାନ୍ ଯୋଜନା ଅନ୍ତର୍ଗତ ‘ଉଡ଼େ ଦେଶ କା ଆମ୍ ନାଗରିକ’ ଅଧୀନରେ ରାଉରକେଲା ବିମାନ ବନ୍ଦରର ବିକାଶ ନିମନ୍ତେ ୫୭ କୋଟି ୬୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ଆଜି ରାଜ୍ୟସଭାରେ ବିଜୁ ଜନତା ଦଳ ସଦସ୍ୟ ମୁଜିବୁଲ୍ଲା ଖାଁଙ୍କ ଏକ ପ୍ରଶ୍ନର ଉତ୍ତରରେ ବେସାମରିକ ବିମାନ ଚଳାଚାଳ ମନ୍ତ୍ରୀ କିଞ୍ଜାରାପୁ ରାମମୋହନ ନାଇଡୁ କହିଛନ୍ତି, ସେଲ୍ ଦ୍ୱାରା ଅଧିକୃତ ରାଉରକେଲା ବିମାନ ବନ୍ଦରର ବିକାଶ ଏବଂ ବିମାନ ଚଳାଚଳ ବ୍ୟବସ୍ଥାର ଉନ୍ନତିକରଣ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଚୟନ କରାଯାଇଛି। ସେଠାରୁ ଭୁବନେଶ୍ୱରକୁ ଗତବର୍ଷ ଜାନୁଆରୀରୁ ଏଟିଆର୍-୭୨ ବିମାନ ଚଳାଚଳ କରୁଛି। ଶ୍ରୀ ନାଇଡୁ କହିଛନ୍ତି, ଦେଶରେ ଉଡ଼ାନ ଯୋଜନାରେ ୨୦୧୬ ମସିହାଠାରୁ ଆଞ୍ଚଳିକ ସ୍ତରରେ ଏବଂ ଦୂରବର୍ତ୍ତୀ ଅଞ୍ଚଳକୁ ସଂଯୋଗ ସ୍ଥାପନ ନିମନ୍ତେ ବିମାନ ବନ୍ଦର ବିକାଶ କାର୍ଯ୍ୟ ହାତକୁ ନିଆଯାଇଛି।

*Pool*

## ଲୋକସଭା– ଫସଲ ଋଣ

ଗ୍ରାମାଞ୍ଚଳରେ ତୃଣମୂଳସ୍ତରରେ ଋଣ ପରିମାଣ ୨୫ ଲକ୍ଷ ୪୬ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି ବୋଲି ଅର୍ଥରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି। ଲୋକସଭାରେ ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, କିଶାନ କ୍ରେଡିଟ୍‌କାର୍ଡ ଅଧୀନରେ କୃଷକଙ୍କୁ ୯ ଲକ୍ଷ ୮୨ ହଜାର

କୋଟି ଟଙ୍କାର ପସଲରଣ ପ୍ରଦାନ କରାଯାଇଛି । ଗତ ୨୦୧୪ ମସିହାରେ ଏହା ୪ ଲକ୍ଷ ୨୬ ହଜାର କୋଟି ଟଙ୍କାରେ ସୀମିତ ଥିଲା । କୃଷକଙ୍କ କଲ୍ୟାଣ ଏବଂ କୃଷିଜାତ ଦ୍ରବ୍ୟର ଉନ୍ନତି ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ୫୨ କୋଟିରୁ ଅଧିକ ଜମାଖାତା ଖୋଲାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଯୁବବର୍ଗଙ୍କ ପାଇଁ ମୁଦ୍ରା ଯୋଜନା ଏବଂ ଷ୍ଟାର୍ଟ-ଅପ୍ ଇଣ୍ଡିଆ ସମେତ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଇଛି ବୋଲି ସେ କହିଛନ୍ତି । କେନ୍ଦ୍ର ବଜେଟ୍‌ରେ ଯୁବବର୍ଗଙ୍କ ପାଇଁ ଏକ ତାଲିମ ଯୋଜନା ଏବଂ ମୁଦ୍ରା ଯୋଜନା ଅଧୀନରେ ଋଣ ସୁବିଧାର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି । ଇତିମଧ୍ୟରେ ମୁଦ୍ରା ଯୋଜନା ଅନ୍ତର୍ଗତ ଋଣ ପରିମାଣ ୧୦ଲକ୍ଷରୁ ବୃଦ୍ଧି କରାଯାଇ ୨୦ଲକ୍ଷ କରାଯାଇଥିବା ସେ କହିଛନ୍ତି ।

*Pool*

## ପ୍ୟାରିସ୍-ଅଲମ୍ପିକ୍ସ ଷ୍ଟାମ୍ପ

କେନ୍ଦ୍ର ସରକାର ପ୍ୟାରିସ୍ ଅଲମ୍ପିକ୍ସ ଉପରେ ଏକ ସ୍ମାରକୀ ଡାକଟିକଟ ଜାରି କରିବେ । ସାମାଜିକ ଗଣମାଧ୍ୟମରେ ଭାରତୀୟ ଡାକ ବିଭାଗ ଏହି ବିଷୟ ଘୋଷଣା କରିଛି । କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଏଥିଲାଗି ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ । ମନ୍ତ୍ରଣାଳୟ ପକ୍ଷରୁ

ମିଳିଥିବା ସୂଚନା ଅନୁଯାୟୀ କ୍ରୀଡ଼ା ଏବଂ କ୍ରୀଡ଼ାବିତ୍‌ଙ୍କ ପ୍ରତି ଭାରତର ଉତ୍ସାହ ଏବଂ ସମର୍ଥନ ପ୍ରତୀକ ସ୍ୱରୂପ ଏହି ଅଲମ୍ପିକ ଡାକଟିକଟ ପ୍ରଚଳନ ହେବ ।

***Pool***

## ମୁଦ୍ରା ଯୋଜନା

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ ଋଣ ବିତରଣ ଉପରେ ଅନାଦେୟ ପରିମାଣ (ଏନ୍‌ପିଏ) ବହୁତ କମ୍ ରହିଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ଲୋକସଭାର ପ୍ରଶ୍ନକାଳରେ ଆଜି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ମୁଦ୍ରା ଯୋଜନାରେ ହିତାଧିକାରୀଙ୍କୁ ଦିଆଯାଇଥିବା ମୋଟ୍ ଋଣର ମାତ୍ର ୨ ଦଶମିକ ୧ ପ୍ରତିଶତ ବିତରଣ ଉପରେ ଏନ୍‌ପିଏ ରହିଛି। ମୁଦ୍ରା ପୋର୍ଟାଲ ଅନୁଯାୟୀ ଗତ ମାର୍ଚ୍ଚ ସୁଦ୍ଧା ଦେଶରେ ଏହି ଯୋଜନା ଅଧୀନରେ ୭୬ ଲକ୍ଷ ୨୯ ହଜାର ଜମାଖାତା ଖୋଲାଯାଇଥିବା ସେ ସୂଚନା ଦେଇଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ବେସରକାରୀ ବ୍ୟାଙ୍କ ବ୍ୟତୀତ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ, ସମବାୟ ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ, ଆର୍ଥିକ କମ୍ପାନୀ ଏବଂ କ୍ଷୁଦ୍ର ଫାଇନାନ୍ସ ବ୍ୟାଙ୍କଗୁଡ଼ିକ ଦେଶରେ ମୁଦ୍ରା ଋଣ ପ୍ରଦାନ କରୁଛନ୍ତି। ଏହି ଋଣ ବିତରଣ ଉପରେ ସେମାନଙ୍କର ଏନ୍‌ପିଏ ପୂର୍ବାପେକ୍ଷା ହ୍ରାସ ପାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

*Desk*

## କାଳିଆ ଯୋଜନା

ରାଜ୍ୟରେ କାଳିଆ ଯୋଜନାରେ ମୋଟ ୪୫ ଲକ୍ଷ ୬୭ ହଜାର ୫୨୪ ଜଣ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ସହ ୧୯ ଲକ୍ଷ ୧୨ ହଜାର ୧୨୨ ଭୂମିହୀନ କୃଷକ ପରିବାରଙ୍କୁ ଅନ୍ତର୍ଭୁକ୍ତ ହୋଇଥିବା ନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ତେବେ ଏହି ଯୋଜନାର ଭବିଷ୍ୟତ ନେଇ ଉଚ୍ଚସ୍ତରୀୟ ବିଚାର ଆଲୋଚନା ଚାଲିଛି ବୋଲି ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ଜୁନ୍ ମାସ ୧୮ ତାରିଖରେ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନନିଧି ଯୋଜନାର ୧୭ତମ କିସ୍ତିରେ ରାଜ୍ୟର ୨୯ ଲକ୍ଷ ୭୩ ହଜାର ୯୮୦ ଜଣଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି।

*Desk*

## ପୁଲିସ ମହାନିର୍ଦ୍ଦେଶକ ପଦବୀ

ରାଜ୍ୟ ସରକାର ପୁଲିସ ମହାନିର୍ଦ୍ଦେଶକ ପଦବୀ ନିମନ୍ତେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିନିମନ୍ତେ ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଏ.କେ.ରାୟ, ୧୯୮୯ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଏସ୍.ଏମ୍.ନରୱଣେ ଏବଂ ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ୱାଇ.ବି.ଖୁରାନିୟା ତାଲିକାରେ ରହିଛନ୍ତି। ଏହି ତିନି ଜଣ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ପୂର୍ଣ୍ଣାଙ୍ଗ ବାୟୋଡାଟା ପ୍ରଦାନ ପାଇଁ କୁହାଯାଇଛି। ସୂଚନାଯୋଗ୍ୟ, ଆଇପିଏସ୍ ଅଧିକାରୀ

ୱାଇ.ବି.ଖୁରାନିୟାଙ୍କୁ ଇତିମଧ୍ୟରେ କେନ୍ଦ୍ର ସରକାର ଡେପୁଟେସନ ଅବଧି ଶେଷ ହେବା ପୂର୍ବରୁ ରାଜ୍ୟକୁ ଫେରାଇ ଦେଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀତି ଆୟୋଗ ବୈଠକରେ ଯୋଗଦେଇ ଫେରିବା ପରେ ସୂଚନା ଦେଇଥିଲେ, ଦିଲ୍ଲୀରେ କାର୍ଯ୍ୟରତ ଓଡ଼ିଆ ଅଧିକାରୀମାନଙ୍କ ସହ ସେ ବୈଠକ କରି ଟିମ୍ ଓଡ଼ିଶା ଗଠନ କରି ରାଜ୍ୟର ଉନ୍ନତି ନିମନ୍ତେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ।

***HS***

## ୩୭୦ ଧାରା ଉଚ୍ଛେଦ

ଜାମ୍ମୁ-କାଶ୍ମୀରର ୩୭୦ ଧାରା ଉଚ୍ଛେଦକୁ ଆଜି ୫ ବର୍ଷ ପୂରଣ ହୋଇଛି। ଏହି ପରିପ୍ରେକ୍ଷୀରେ ଆତଙ୍କବାଦୀ କାର୍ଯ୍ୟକଳାପ ନେଇ ସେଠାରେ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପବିତ୍ର ଅମରନାଥ ଗୁମ୍ଫା ଉଦ୍ଦେଶ୍ୟରେ ଆଜି ମୂଳକ୍ୟାମ୍ପରୁ ଯାତ୍ରୀଙ୍କର ଗସ୍ତକୁ ସ୍ଥଗିତ ରଖାଯାଇଛି। ବିଭିନ୍ନ ସ୍ଥାନରେ ସୁରକ୍ଷାକୁ କଡ଼ାକଡ଼ି କରାଯିବା ସହ ଯାଞ୍ଚ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରାଯାଇଛି।

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ସାମାଜିକ ଗଣମାଧ୍ୟମରେ ଏହି ଦିବସ ସ୍ମରଣରେ କହିଛନ୍ତି, ସମଗ୍ର ଦେଶରେ ଗୋଟିଏ ବିଧାନ, ଗୋଟିଏ ଚିହ୍ନ ଏବଂ ଗୋଟିଏ ପ୍ରଧାନ ବ୍ୟବସ୍ଥା ସ୍ଥାପିତ ହେବାର ଆଜିକୁ ୫ ବର୍ଷ ପୂରଣ ହୋଇଛି। ଏଥିପାଇଁ ସେ ସମସ୍ତ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

*Puri*

## ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଆଜି ଅନୁଷ୍ଠିତ ହୋଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ବୈଠକରେ କେତୋଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ରତ୍ନଭଣ୍ଡାର ସମ୍ପର୍କିତ ମାର୍ଗଦର୍ଶିକା ପ୍ରସ୍ତୁତି ନେଇ ବିସ୍ତୃତ ଆଲୋଚନା ହୋଇଛି। ରତ୍ନଭଣ୍ଡାରରେ ଥିବା ପୁରୁଣା ଆଲମିରା ଓ ସିନ୍ଧୁକକୁ ସ୍ଥାନାନ୍ତର କରାଯିବା ସମ୍ପର୍କିତ ପ୍ରସ୍ତୁତ ମାର୍ଗଦର୍ଶିକା ରାଜ୍ୟ ସରକାରଙ୍କ ନିକଟକୁ ପଠାଇବାକୁ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ଜମିକୁ ଜବରଦଖଲ ମୁକ୍ତ କରିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ସରକାରୀ ସ୍ୱୀକୃତ ସଂସ୍ଥା ଦ୍ୱାରା ଏଣିକି ଶ୍ରୀମନ୍ଦିରରେ ନିଯୁକ୍ତି ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ଥାନା ପାଇଁ ଜମି ଏବଂ ଭିତ୍ତିଭୂମି ଯୋଗାଇ ଦେବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯିବା ନେଇ ବୈଠକରେ ଆଲୋଚନା ହୋଇଛି।

***HS***

## ନିର୍ବାଚନୀ ଅନିୟମିତତା– ହାଇକୋର୍ଟ ନୋଟିସ

ନିର୍ବାଚନରେ ଅନିୟମିତତା ଅଭିଯୋଗ ସଂକ୍ରାନ୍ତ ମାମଲାର ପ୍ରାଥମିକ ଶୁଣାଣି କରି ହାଇକୋର୍ଟ ୩ ଜଣ ବିଧାୟକଙ୍କୁ ନୋଟିସ ଜାରି କରିଛନ୍ତି। ଝାରସୁଗୁଡ଼ା ବିଧାନସଭା ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗ ନେଇ ବିଜେଡିର ପରାଜିତ ପ୍ରାର୍ଥୀ ଦୀପାଳି ଦାସଙ୍କ ପକ୍ଷରୁ

ଆଗତ ଆବେଦନ ଉପରେ ହାଇକୋର୍ଟ ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଏବଂ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ମଧ ଜବାବ ଦାଖଲ କରିବାକୁ କୁହାଯାଇଛି । ଆସନ୍ତା ମାସ ୨୩ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ ।

***Keonjhar***

## ଲଗାଣ ବର୍ଷା

ଲଗାଣ ବର୍ଷା ଯୋଗୁଁ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର କରଦାଙ୍ଗୀ ଘୁରୁଡ଼ିଆ ନାଳପୋଲ ଉପରେ ୨ ଫୁଟ ଉଚ୍ଚର ବର୍ଷା ପାଣି ପ୍ରବାହିତ ହୋଇଥିଲା । ଫଳରେ କରଦାଙ୍ଗି ଏବଂ ଦେଉଳଡିହା ପଞ୍ଚାୟତର ୧୨ଟି ଗାଁ ବ୍ଲକ ମୁଖ୍ୟାଳୟରୁ ବିଚ୍ଛିନ୍ନ ହୋଇପଡ଼ିଥିଲା । ତେଲକୋଇ ଅଞ୍ଚଳରେ ଗତକାଲି ୬୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଥିବା ରେକର୍ଡ କରାଯାଇଛି ।

***HS/Naygarh/Sonepur***

## ଶୈବପୀଠ-ଜଳଲାଗି

ଶ୍ରାବଣ ତୃତୀୟ ସୋମବାର ଅବସରରେ ଆଜି ବିଭିନ୍ନ ଶୈବପୀଠରେ କାଉଡ଼ିଆମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଶ୍ରାବଣ ସୋମବାର ଅବସରରେ ରାଜ୍ୟପାଳ ରଘୁବର ଦାସ ସାମାଜିକ ଗଣମାଧ୍ୟମରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଇଛନ୍ତି । ଜାମସେଦପୁରଠାରେ ଜଳାଭିଷେକ ଯାତ୍ରା ମହୋତ୍ସବରେ ସେ ସାମିଲ ହୋଇଥିଲେ ।

ପ୍ରଭୁ ଲିଙ୍ଗରାଜ, ବାବା ଧବଳେଶ୍ୱର, ବାବା ଆଖଣ୍ଡଳମଣି, ଲୋକନାଥଙ୍କ ପୀଠ, ପଞ୍ଚ ମହାଲିଙ୍ଗେଶ୍ୱର ଆଦି ପୀଠରେ ଜଳଲାଗି ନିମନ୍ତେ କାଉଡ଼ିଆଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

ଶରଣକୂଳର ଲଡୁବାବା ଏବଂ ଜାମ୍ବୁପାଟଣାର ଦୂତିକେଶ୍ୱରଙ୍କ ବିଭିନ୍ନ ସ୍ଥାନରୁ ଯାଇଥିବା ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଶିବଭକ୍ତ ଠାକୁରଙ୍କ ଠାରେ ଜଳଲାଗି କରିଥିଲେ ।

ବଲାଙ୍ଗୀରର ହରିଶଙ୍କର ଶୈବପୀଠରେ ମଧ୍ୟ ଜଳଲାଗି ପାଇଁ ଗତକାଲି ବିଳମ୍ବିତ ରାତିରେ କାଉଡ଼ିଆଙ୍କର ପ୍ରବଳ ଭିଡ଼ ଅନୁଷ୍ଠିତ ହୋଇଥିଲା ।

ସୁବର୍ଣ୍ଣପୁରରେ ମଧ୍ୟ ଅଷ୍ଟଶମ୍ଭୁବାବା, ସୁବର୍ଣ୍ଣମେରୁ, ରାମେଶ୍ୱର, ଗୋକର୍ଣ୍ଣେଶ୍ୱର ସମେତ ବିଭିନ୍ନ ଶୈବପୀଠରେ ଜଳଲାଗି କରିବା ପାଇଁ କାଉଡ଼ିଆଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

***Desk***

## ପେଶା ଆଇନ୍

ଓଡ଼ିଶାରେ ଆଦିବାସୀଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ପେଶା ଆଇନ କାର୍ଯ୍ୟକାରୀ କରାଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି । ବିଜେପି ଅନୁସୂଚିତ ଜନଜାତି ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ନାୟକ ଯୋଗଦେଇ କହିଛନ୍ତି, ଏହି ଆଇନ ରାଜ୍ୟରେ ଲାଗୁ କରିବା ପାଇଁ ବିଜେପି ସରକାର ପଦକ୍ଷେପ ନେଉଛନ୍ତି । ଅନୁସୂଚିତ ଜନଜାତିର ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ

ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି। ବିଧାନସଭାର ପରବର୍ତ୍ତୀ ଅଧିବେଶନରେ ଏ ସମ୍ପର୍କିତ ବିଲ୍ ଆଣିବାକୁ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି।

***Ganjam***

## ଅଭିଯୋଗ ଶୁଣାଣି ଶିବିର-ଗଞ୍ଜାମ

ଗଞ୍ଜାମ ଜିଲ୍ଲା ଛତ୍ରପୁର ସ୍ଥିତ  ଜଉଗଡ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ଉପଖଣ୍ଡ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଜନ ସାଧାରଣ  ସେମାନଙ୍କ ଅଭିଯୋଗ ଉପରେ ଶୁଣାଣି ହୋଇଥିଲା। ମୁଖ୍ୟତଃ ବାର୍ଦ୍ଧକ୍ୟ ଭତ୍ତା, ପାନୀୟ ଜଳ ସମସ୍ୟା, ଆବାସ ଯୋଗାଣ, ରାସନ କାର୍ଡ ଭଳି ବିଭିନ୍ନ ଅଭିଯୋଗର ଶୁଣାଣି ଅନୁଷ୍ଠିତ ହୋଇ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି।

***BHK***

## ଅଭିଯୋଗ ଶୁଣାଣି ଶିବିର-ଭଦ୍ରକ

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆଜି ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ୧୬୦ଟି ଅଭିଯୋଗର ଶୁଣାଣି କରାଯାଇଛି। ଏଥିରେ ଦିବ୍ୟାଙ୍ଗଙ୍କ ସମସ୍ୟା, ଉଚ୍ଛେଦ ପରବର୍ତ୍ତୀ ଥଇଥାନ ଆଦି ପ୍ରସଙ୍ଗଗୁଡ଼ିକ ଉପରେ ମଧ୍ୟ ଅଭିଯୋଗର ଶୁଣାଣି କରାଯାଇଥିଲା। ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗକୁ ସମସ୍ୟାର ସମାଧାନ ସଂକ୍ରାନ୍ତ ପଦକ୍ଷେପ ଗ୍ରହଣ କରିବାକୁ

ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକରେ ଜିଲ୍ଲାପାଳଙ୍କ ସହ ଆରକ୍ଷୀ ଅଧୀକ୍ଷକ ଉପସ୍ଥିତ ଥିଲେ ।